ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR/HTH (Odia) /227/26-03 -2025

# ସପ୍ତମ କଳାଭୂମି ଉତ୍ସବ ଉଦଯାପିତ

## ପ୍ରତ୍ୟେକ ପ୍ରାଣରେ କଳାର ପ୍ରସାର ଓ ବିକାଶ ପାଇଁ ଆମେ ଅଙ୍ଗୀକାରବଦ୍ଧ: ମନ୍ତ୍ରୀ ଶ୍ରୀ ପ୍ରଦିପ ବଳ ସାମନ୍ତ

**ଭୁବନେଶ୍ୱର, ତା: ୨୬/୦୩/୨୫:**

ଅନନ୍ୟ କଳାର ରାଜ୍ୟ ଓଡ଼ିଶା । ଏହାର ସମୃଦ୍ଧ ହସ୍ତଶିଳ୍ପ ଓ ଗରିମାମୟ ହସ୍ତତନ୍ତର ପରମ୍ପରାକୁ ଆଗେଇ ନେବା ଆମର ନୈତିକ ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି  କହିଛନ୍ତି ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳ ସାମନ୍ତ । ସପ୍ତମ କଳାଭୂମି ଉତ୍ସବର ଉଦଯାପନୀ ସମାରୋହରେ ଯୋଗ ଦେଇ ମାନ୍ୟବର ମନ୍ତ୍ରୀ କହିଛନ୍ତି, ପ୍ରତ୍ୟେକ ପ୍ରାଣରେ ଆମ ଋଦ୍ଧିମନ୍ତ କଳାର ପ୍ରସାର ଓ ବିକାଶ ପାଇଁ ଆମେ ଅଙ୍ଗୀକାରବଦ୍ଧ ।

ବିଭାଗୀୟ କମିଶନର ତଥା ଶାସନ ସଚିବ ଶ୍ରୀମତୀ ଗୁହା ପୁନମ ତାପସ କୁମାର ଏହି ଅବସରରେ କାରିଗର ଓ ବୁଣାକାରଙ୍କ ମଙ୍ଗଳ ପାଇଁ ବିଭାଗ ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଉପସ୍ଥାପନ କରିଥିଲେ । ରାଜ୍ୟର ସମୃଦ୍ଧ ହସ୍ତଶିଳ୍ପ ଓ ହସ୍ତତନ୍ତର ପ୍ରତୀକ କଳାଭୂମି ସାଜିଛି ବୋଲି ବୟନ ଓ ହସ୍ତତନ୍ତ ନିର୍ଦ୍ଦେଶକ ଶ୍ରୀ ପ୍ରେମଚନ୍ଦ୍ର ଚୌଧାରୀ କହିଥିଲେ ।

ଏହି ଉଦଯାପନୀ ଉତ୍ସବରେ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ତଥା ଉତ୍କଳିକାର ପରିଚାଳନା ନିର୍ଦ୍ଦେଶକ ଶ୍ରୀମତୀ ମଧୁମିତା ରଥ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ହସ୍ତଶିଳ୍ପ ନିର୍ଦ୍ଦେଶକ ତଥା ବୟନିକାର ପରିଚାଳନା ନିର୍ଦ୍ଦେଶକ ପ୍ରଣତୀ ଛୋଟରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

ସୂଚନାଯୋଗ୍ୟ, କଳାଭୂମିର ପ୍ରତିଷ୍ଠା ଦିବସ ପାଳନ ଅବସରରେ ମାର୍ଚ୍ଚ ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ଏହି ଉତ୍ସବ ଆୟୋଜନ ହୋଇଥିଲା । ପଥର ଖୋଦେଇ ଉପରେ "ସ୍ଥାପତ୍ୟ: ଇଚିଙ୍ଗ୍ ଲାଇଭଲିହୁଡ୍ ଅନ୍ ଷ୍ଟୋନ୍" କର୍ମଶାଳା, ଚିତ୍ରାଙ୍କନ ପ୍ରତିଯୋଗିତା, ଗ୍ରୀଷ୍ମ ଶିବିର, କୋଲକାତାସ୍ଥିତ ଇଣ୍ଡିଆନ୍ ଇନଷ୍ଟିଟ୍ୟୁଟ୍ ଅଫ୍ ପ୍ୟାକେଜିଙ୍ଗ ସହିତ ପ୍ୟାକେଜିଙ୍ଗ୍, ଲେବଲିଙ୍ଗ୍ ଓ ବ୍ରାଣ୍ଡିଂ ଉପରେ ଦୁଇ ଦିନିଆ କର୍ମଶାଳା ଆୟୋଜନ ହୋଇଥିଲା ।  ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ମାନ୍ୟବର ମନ୍ତ୍ରୀ ପୁରସ୍କୃତ କରିଥିଲେ  ।

ଆଲୋକ କୁମାର ମହାନ୍ତି
ଲୋକ ସମ୍ପର୍କ ଅଧିକାରୀ